# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 22nd April - 2024

### News Editor : *Tapan Kumar Maharana*

*********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ପ୍ରଦାନ କରୁଛନ୍ତି ପଦ୍ମ ପୁରସ୍କାର ।

- ଭାରତୀୟ ଜନତା ପାର୍ଟି ରାଜ୍ୟ ଶାଖା ପକ୍ଷରୁ ଆଗାମୀ ନିର୍ବାଚନ ପାଇଁ ସଙ୍କଳ୍ପ ପତ୍ରକୁ ଉନ୍ମୋଚେନ କଲେ ରାଜ୍ୟ ସଭାପତି ।
- ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମତଦାନକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଭାରତର ନିର୍ବାଚନ କମିଶନ ବିଭିନ୍ନ ପକ୍ଷଙ୍କ ସହ କଲେ ଆଲୋଚନା ।
- ବିଧାନସଭା ନିର୍ବାଚନ ପାଇଁ ବିଜେଡି ଘୋଷଣା କଲା  ସପ୍ତମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ।

ଏବଂ

- 'ପ୍ଲାନେଟ୍ ବନାମ ପ୍ଲାଷ୍ଟିକ୍' ବାର୍ତ୍ତା ନେଇ ଆଜି ପାଳିତ ହେଉଛି ବିଶ୍ୱ ପୃଥିବୀ ଦିବସ ।

*Desk*

# ପଦ୍ମ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ପଦ୍ମ ପୁରସ୍କାର ପ୍ରଦାନ କରୁଛନ୍ତି । ରାଷ୍ଟ୍ରପତି ଭବନରୁ ମିଳିଥିବା ସୂଚନା ଅନୁସାରେ ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କେୟା ନାଇଡୁ ଏବଂ ଭାରତନାଟ୍ୟମ ନୃତ୍ୟଶିଳ୍ପୀ ଡକ୍ଟର ପଦ୍ମା ସୁବ୍ରମଣ୍ୟମ୍‌ଙ୍କୁ ପଦ୍ମ ବିଭୂଷଣ, ଅନ୍ୟ ମନୋନୀତ ବ୍ୟକ୍ତିବିଶେଷଙ୍କୁ ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ସମ୍ମାନରେ ଶ୍ରୀମତୀ ମୁର୍ମୁ ସମ୍ମାନିତ କରୁଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଚଳଚିତ୍ର ଅଭିନେତା ମିଥୁନ ଚକ୍ରବର୍ତ୍ତୀ, ଗାୟିକା ଉଷା ଉଥପ୍, ହୃଦ୍‌ରୋଗ ବିଶେଷଜ୍ଞ ଡକ୍ଟର ତେଜଶ ମଧୁସୂଦନ ପଟେଲ୍ ଏବଂ ଉତ୍ତରପ୍ରଦେଶ ପୂର୍ବତନ ରାଜ୍ୟପାଳ ରାମ ନାଏକ ଏବଂ ଡକ୍ଟର ସୀତାରାମ ଜିନ୍ଦଲ ପଦ୍ମଭୂଷଣ  ସମ୍ମାନ ପାଇଛନ୍ତି । ବର୍ତ୍ତମାନ ରାଷ୍ଟ୍ରପତି ଭବନରେ ଏହି ସମାରୋହ ଚାଲିଛି ।

*Desk*

# ବି.ଜେ.ପି. ସଙ୍କଳ୍ପ ପତ୍ର

ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଗାମୀ ନିର୍ବଚାନ ପାଇଁ ସଙ୍କଳ୍ପ ପତ୍ର ଜାରି କରାଯାଇଛି । ସଙ୍କଳ୍ପ ପତ୍ରକୁ ଜାରି କରି ରାଜ୍ୟ ବି.ଜେ.ପି. ସଭାପତି ମନମୋହନ ସାମଲ କହିଛନ୍ତି, ମୋଦି ସରକାରଙ୍କର ବିଗତ ୧୦ ବର୍ଷର

ସୁଶାସନ ଏବଂ ବିକାଶକୁ ଆଧାର କରି ଦଳ ରାଜ୍ୟରେ ନିର୍ବାଚନ ଲଢ଼ିବ । ଗରିବ ପରିବାରଙ୍କ ପାଇଁ ମୋଦି ସରକାର ଦେଇଥିବା ଗ୍ୟାରେଣ୍ଟି ମହିଳା ସଶକ୍ତୀକରଣ, ଯୁବକମାନଙ୍କପାଇଁ ନିଯୁକ୍ତି ସୁଯୋଗ, ବରିଷ୍ଠ ନାଗରିକମାନଙ୍କପାଇଁ ବିଭିନ୍ନ ସୁବିଧା ସହିତ କୃଷକମାନଙ୍କ ସମ୍ମାନ ଏବଂ ଆୟ ବୃଦ୍ଧିପାଇଁ ନେଇଥିବା ନିଷ୍ପତ୍ତି ଆଧାରରେ ଆସନ୍ତା ନିର୍ବାଚନରେ ଦଳ ବିଜୟ ଲାଭ କରିବ ବୋଲି ଶ୍ରୀ ସାମଲ ଆଶା ରଖିଛନ୍ତି । ସଙ୍କଳ୍ପ ପତ୍ରରେ ଲୋକମାନଙ୍କର ସର୍ବାଙ୍ଗୀନ ବିକାଶ, ଆର୍ଥିକ ସଶକ୍ତୀକରଣ ସହିତ ଅନେକ ବିକାଶମୂଳକ ପଦକ୍ଷେପ ସ୍ଥାନ ପାଇଛି । ସଙ୍କଳ୍ପ ପତ୍ରର ଓଡ଼ିଶା ସଂସ୍କରଣ ଲୋକାର୍ପିତ ସମୟରେ ବି.ଜେ.ପି. ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ୍ ସିଂହ ତୋମାର, ରାଜ୍ୟ ନିର୍ବାଚନ ସହପ୍ରଭାରୀ ଲତା ଉଷେଣ୍ଡି, ସୁନ୍ଦରଗଡ଼ ସାଂସଦ ଜୁଏଲ୍ ଓରାମ୍, ପୂର୍ବତନ ବି.ଜେ.ପି. ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବି.ଜେ.ପି.ର ସଙ୍କଳ୍ପ ପତ୍ରକୁ ଘରେ ଘରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବି.ଜେ.ପି. ସଭାପତି ଶ୍ରୀ ସାମଲ୍ କହିଛନ୍ତି ।

***Desk***

# ସପ୍ତମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

ବିଜୁ ଜନତା ଦଳ ପକ୍ଷରୁ ଆଜି ସପ୍ତମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ଆଉ ୬ଟି ବିଧାନସଭା ଆସନ ପାଇଁ

ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ହିନ୍ଦୋଳରୁ ମହେଶ ସାହୁଙ୍କ ଦଳ ପ୍ରାର୍ଥୀ କରିଥିବା ବେଳେ କାକଟପୁରରୁ ତୁଷାରକାନ୍ତି ବେହେରା ପ୍ରାର୍ଥୀ ହୋଇଛନ୍ତି । ବରୀରୁ ବିଶ୍ୱରଂଜନ ମଲ୍ଲିକ, ରଘୁନାଥପାଲିରୁ ଅର୍ଚ୍ଚନା ରେଖା ବେହେରା, ବାଲିକୁଦା ଏରସମାରୁ ସାରଦା ପ୍ରସାଦ ଜେନା ଏବଂ ବାଙ୍ଗିରିପୋଷିରୁ ରଞ୍ଜିତା ମାରାଣ୍ଡିଙ୍କୁ ଦଳ ପ୍ରାର୍ଥୀ କରିଛି। ଏ ପର୍ଯ୍ୟନ୍ତ ଦଳ ପକ୍ଷରୁ ମୋଟ ୧୪୧ ପ୍ରାର୍ଥୀଙ୍କ ନାମ ଘୋଷଣା ସରିଛି ।

ଜୟପୁର ବିଧାନସଭା ଆସନ ପାଇଁ ବିଜେପି ଗତକାଲି ପ୍ରାର୍ଥୀ ଘୋଷଣା କରିଛି। ଗୌତମ ସାମନ୍ତରାୟଙ୍କୁ ଦଳ ପ୍ରାର୍ଥୀ କରିଛି । ଗୌତମଙ୍କୁ ମିଶାଇ ଦଳ ପକ୍ଷରୁ ଏଯାବତ୍ ୧୩୨ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି ।

***HS***

# ସି.ପି.ଆଇ. ପ୍ରାର୍ଥୀ ଘୋଷଣା

ଭାରତୀୟ କମ୍ୟୁନିଷ୍ଟ ପାର୍ଟି – ସି.ପି.ଆଇ. ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଗୋଟିଏ ଲୋକସଭା ଆସନ ସହିତ ୧୧ଟି ବିଧାନସଭା ଆସନପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି । ଦଳ ଜଗତ୍‌ସିଂହପୁରରେ ରମେଶ ଚନ୍ଦ୍ର ସେଠୀଙ୍କୁ ପ୍ରାର୍ଥୀ କରିଥିବାବେଳେ ଛତ୍ରପୁର ବିଧାନସଭ ଆସନ ପାଇଁ ଗୁରୁନାଥ ପ୍ରଧାନଙ୍କୁ ପ୍ରାର୍ଥୀ କରାଯାଇଛି । ଦଳ ପକ୍ଷରୁ ସୁନ୍ଦରଗଡ଼, ବାଲିକୁଦା, ବ୍ରଜରାଜନଗର, ପାରାଦ୍ୱୀପ, କବିସୂର୍ଯ୍ୟନଗର, ନୀଳଗିରି, ଭୁବନେଶ୍ୱର

ଉତ୍ତର, ନିମାପଡ଼ା, ଲକ୍ଷ୍ମୀପୁର ଏବଂ କଣ୍ଟାବାଞ୍ଜି ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି ।

*Nabarangpur/R*

# ନବରଙ୍ଗପୁର ନିର୍ବାଚନ

ଆଗାମୀ ସାଧାରଣ ନିର୍ବାଚନପାଇଁ ର୍ନିବାଚନ ଆୟୋଗ ପକ୍ଷରୁ ତାରିଖ ଘୋଷଣଶ ହେବା ପରେ ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଇଛି । ନବରଙ୍ଗପୁର ଜିଲ୍ଲାରେ ୩ଟି ବିଧାନସଭା ନିର୍ବାଚନ ମଣ୍ଡଳିରେ ପ୍ରଚାର କାର୍ଯ୍ୟ ଜୋର୍ ଧରିଛି । ଉମରକୋଟ୍, ଡାବୁଗାଁ ଓ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳିର ବିଭିନ୍ନ ସ୍ଥାନରେ ଚାଲିଛି ମିଶ୍ରଣପର୍ବ, କର୍ମୀ ସମ୍ମିଳନୀ ଓ ଘରକୁ ଘର ବୁଲି ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟର୍‌ମାନଙ୍କୁ ଆକୃଷ୍ଟ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ଆସନ୍ତୁ ଶୁଣିବା ନବରଙ୍ଗପୁର ଜିଲ୍ଲାର ନିର୍ବାଚନ ସମ୍ପର୍କିତ ତଥ୍ୟକୁ ନେଇ ଆମ ସମ୍ବାଦଦାତା ପ୍ରଭାତୀ କୁମାରୀ ବିଶୋୟୀଙ୍କ ରିପୋର୍ଟ :

***Voice :...........***

*Desk*

# ଇ.ସି.ଆଇ. - ହିଟ୍‌ୱେଭ୍

ଦେଶର କିଛି ଭାଗରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଓ ସର୍ବୋଚ୍ଚ ତାପମାତ୍ରା ବୃଦ୍ଧି ପାଇବା ବିଷୟରେ ଅନୁମାନ କରାଯାଇଥିବାରୁ ନିର୍ବାଚନ କମିଶନ ବିଭିନ୍ନ ପକ୍ଷ ସହ ଏକ ବୈଠକ କରିଛନ୍ତି।  ମତଦାନ ସମୟରେ ଗ୍ରୀଷ୍ମ ପ୍ରବାହରୁ ଭୋଟରଙ୍କୁ ସୁରକ୍ଷା ଦେବା ପାଇଁ ବୈଠକରେ ଆଲୋଚନା ହୋଇଛି। ଭାରତୀୟ ପାଣିପାଗ ବିଭାଗ, ଜାତୀୟ ଦୁର୍ବିପାକ ପରିଚାଳନା କର୍ତ୍ତୃପକ୍ଷ ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ। ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା କିଛିଦିନ ପର୍ଯ୍ୟନ୍ତ ଦେଶର ପୂର୍ବ ଭାଗରେ ଭୀଷଣ ଗ୍ରୀଷ୍ମ ପ୍ରବାହ ହେବାର ଅନୁମାନ କରାଯାଇଛି। ଗ୍ରୀଷ୍ମ ପ୍ରବାହ ପୂର୍ବ ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳ, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ଦେଶର ଅନ୍ୟ କିଛି ଭାଗରେ ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ଅନୁଭୂତ ହେବ ।

*Desk*

# ପରୀକ୍ଷା ବାତିଲ୍

ମଧୁସୂଦନ ଆଇନ ବିଶ୍ୱ ବିଦ୍ୟାଳୟ ଅଧୀନରେ ଥିବା ୨୮ କଲେଜର ପରୀକ୍ଷା ଆଜି ବାତିଲ ହୋଇଛି। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଷଷ୍ଠ ସେମିଷ୍ଟର ପରୀକ୍ଷା ଥିଲା। ଚଳିତ ବର୍ଷ ପରୀକ୍ଷାରେ ପ୍ରଶ୍ନପତ୍ର ଗୁଡିକ ସିଲାବସ୍ ବାହାରୁ ଆସିଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି। ଏହାକୁ ଗୁରୁତର ସହ ବିଚାର କରି ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ଆଜିର ପରୀକ୍ଷାକୁ ବାତିଲ କରିଛନ୍ତି। ତେବେ ଆଗାମୀ ଦିନରେ ପରୀକ୍ଷା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଣାଇ ଦିଆଯିବ ବୋଲି କହିଛନ୍ତି।

*Desk*

# ଧରିତ୍ରୀ ଦିବସ

ଆଜି ସମଗ୍ର ଦେଶରେ ବିଶ୍ୱ ପୃଥିବୀ ଦିବସ ପାଳିତ ହେଉଛି । ପରିବେଶର ସୁରକ୍ଷା ପାଇଁ ଏହି ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବାର୍ତ୍ତା ରହିଛି **'ପ୍ଲାନେଟ୍ ବନାମ ପ୍ଲାଷ୍ଟିକ୍'** । ପ୍ଲାଷ୍ଟିକ୍ ଜନିତ ପ୍ରଦୂଷଣ ଓ ପ୍ରକୃତି ଉପରେ ଏହାର କୁପ୍ରଭାବ ସଂକ୍ରାନ୍ତରେ ଏହି ଦିବସରେ ଆଲୋକପାତ କରାଯାକଉଛି। ୧୯୭୦ ମସିହା ଏପ୍ରିଲ ୨୨ ତାରିଖରେ ଆମେରିକା

ପ୍ରଥମଥର ପାଇଁ ପୃଥିବୀ ଦିବସ ପାଳନ କରାଯାଇଥିଲା। ପୃଥିବୀର ପରିବେଶର ସୁରକ୍ଷା ଓ ସଂରକ୍ଷଣ ପାଇଁ ଏହି ଦିବସ ପାଳନ କରାଯାଉଛି । ଏକ ଉତ୍ତମ ଭବିଷ୍ୟତ ଓ ସୁସ୍ଥ ପୃଥିବୀର ଗଠନ ଲାଗି ବିଶ୍ୱର ଜନସାଧାରଣଙ୍କୁ ଏଥିରେ ନିବେଦନ କରାଯାଉଛି ।

***Desk, HS***

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ମଧ୍ୟ ଗ୍ରୀଷ୍ମପ୍ରବାହ ଟିକିଏ କମିଛି । ଅପରାହ୍ଣ ସୁଦ୍ଧା ଭୁବନେଶ୍ୱରରେ ସର୍ବୋଚ୍ଚ ଦିନ ତାପମାତ୍ରା ୪୩ ଦଶମିକ ୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଥିବାବେଳେ ବାଲେଶ୍ୱରରେ ୪୦ ଦଶମିକ ୭, ଚାନ୍ଦବାଲିରେ ୪୦ ଦଶମିକ ୪ ଏବଂ କେନ୍ଦୁଝରରେ ୩୮ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ଼ କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି । ଏହାଛଡ଼ା ଆଜି ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, ମାଲକାନଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁରରେ ବିଜୁଳି ଘଡଘଡ଼ି ହେବା ସହ ବର୍ଷା ହେବାର ସମ୍ଭାବନା ରହିଛି ।

ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଦେଶର ପୂର୍ବାଞ୍ଚଳରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆସନ୍ତା ବୁଧବାରଠାରୁ ଏହା ଅଧିକ ତୀବ୍ର ହେବ ବୋଲି ଜଣାପଡ଼ିଛି । ଆଭ୍ୟନ୍ତରୀଣ କର୍ଣ୍ଣାଟକ, ଓଡ଼ିଶା, ପୂର୍ବ ଉତ୍ତର ପ୍ରଦେଶ, ପଶ୍ଚିମ ଉତ୍ତର ପ୍ରଦେଶ, ବିହାର ଏବଂ ଝାଡ଼ଖଣ୍ଡର କେତେକ ସ୍ଥାନରେ ଏହି ସମୟ ମଧ୍ୟରେ ପ୍ରବଳ ଗରମ ଅନୁଭୂତ ହେବ । ଗତ କିଛିଦିନ ହେବ ଓଡ଼ିଶା ସମେତ ୮ଟି ରାଜ୍ୟରେ ଦିନ ତାପମାତ୍ରା ୪୨ ଡିଗ୍ରୀରୁ ୪୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିଛି । ତେବେ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ପୂର୍ବୋତ୍ତର ଭାରତର କେତେକ ଅଞ୍ଚଳରେ ଆସନ୍ତା ୨ ଦିନ ମଧ୍ୟରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ।

***Desk***

## ଆଧାର ଅପ୍‌ଡେଟ୍ ବୃଦ୍ଧି

ଜନସାଧାରଣଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିଚୟପତ୍ର ଆଧାରର ଅପଡେଟ୍ ପାଇଁ ସମୟସୀମା ବୃଦ୍ଧି କରାଯାଇଛି। ଏ ନେଇ ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ ପକ୍ଷରୁ ବିଜ୍ଞପ୍ତି ବାହାରିଛି। ଯେଉଁ ମାନଙ୍କର ଆଧାରକୁ ୧୦ ବର୍ଷ କିମ୍ବା ଏହାଠାରୁ ଅଧିକ ସମୟ ହୋଇଯାଇଛି ସେମାନଙ୍କ ନିଃଶୁଳ୍କ ଆଧାର ଅପଡେଟ୍ ପାଇଁ ପ୍ରାଧିକରଣ ସୁବିଧା ପ୍ରଦାନ କରୁଛି। ପୂର୍ବରୁ ଏହି

ସମୟସୀମା ମାର୍ଚ୍ଚ ମାସ ୧୪ ତାରିଖରେ ଶେଷ ହୋଇଥିବାବେଳେ ବର୍ତ୍ତମାନ ଏହାର ସମୟସୀମାକୁ ଆସନ୍ତା ଜୁନ୍ ୨୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

*****